# ପୌର ପାଳିକା, ଭବାନୀପାଟଣା

* * * * * * *

ପତ୍ର ସଂଖ୍ୟା 3340 ତାରିଖ 27/10/25

## ବିଜ୍ଞପ୍ତି

ଏତଦ ଦ୍ୱାରା ଭବାନୀପାଟଣା ପୌର ପାଳିକାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୭୨ ତା ୦୭.୦୩.୨୦୨୫ ରିଖ ଦ୍ୱାରା ପୌରାଞ୍ଚଳ ମାନଙ୍କରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ମାଧ୍ୟମରେ ପକ୍କା ଗୃହ ପାଇଁ ଆବେଦନ କରିଥିବା ହିତାଧିକାରୀ ମାନଙ୍କ ପାଇଁ ଚୂଡାନ୍ତ ଚିଠା ତିଆରି କରି ଅନୁମୋଦନ ପାଇଁ ସହର ସ୍ତରୀୟ କମିଟିକୁ ସୁପାରିଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ସର୍ତ୍ତାବଳି ଅନୁଯାୟୀ ଏହି ପରିଷଦରେ ୨୦ ଗୋଟି ୱାର୍ଡ ପାଇଁ ୱାର୍ଡ ସ୍ତରୀୟ ବୈଠକ ଗତ ତା ୨୫/୦୮/୨୦୨୫ ଠାରୁ ୦୬/୦୯/୨୦୨୫ ରିଖରେ ୱାର୍ଡର ଅଙ୍ଗନବାଡି କେନ୍ଦ୍ର ଏବଂ ପରିଚୟ ଗୃହ ମାନଙ୍କରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ପାଇଁ ଯାଞ୍ଚ କମିଟି ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଯୋଗ୍ୟ ହିତାଧିକାରୀ (ଆବେଦନ ତାରିଖ ୧୮/୦୩/୨୦୨୫ ଠାରୁ ୨୩/୦୭/୨୦୨୫) ତାଲିକା ଉପରେ ପୁଙ୍ଖନା ପୁଙ୍ଖ ଭାବରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ୧୧୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଚୂଡାନ୍ତ କରାଗଲା । ଏଣୁ ଏହି ତାଲିକାକୁ ନେଇ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ଯଦି କିଛି ଥାଏ ତେବେ ତାଲିକା ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ସମୟ ମଧ୍ୟରେ ପ୍ରମାଣ ସହିତ ଲିଖିତ ଭାବରେ ନିର୍ବାହୀ ଅଧିକାରୀ, ଭବାନୀପାଟଣା ପୌରପାଳିକାକୁ ଜଣାଇବା ପାଇଁ ଅନୁରୋଧ କରାଗଲା ।

ପ୍ରମୋଦ କୁମାର ସାହୁ 27.10.25
ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା

ଜ୍ଞାପକ ସଂଖ୍ୟା 3341 ତାରିଖ 27/10/25

ଏହାର ଏକକିତା ନକଲ ସହିତ ହିତାଧିକାରୀଙ୍କ ତାଲିକା ପରିଷଦର କାର୍ଯ୍ୟାଳୟର ନୋଟିସ ବୋର୍ଡ ଓ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

ପ୍ରମୋଦ କୁମାର ସାହୁ 27.10.25
ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା

ଜ୍ଞାପକ ସଂଖ୍ୟା 3342 ତାରିଖ 27/10/25

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କଳାହାଣ୍ଡି / ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପ୍ରମୋଦ କୁମାର ସାହୁ 27.10.25
ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା

Scanned with OKEN Scanner